**ନଭେମ୍ବର ୭,୨୦୦୫ ସୋମବାର**

Google Search





## ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବିରେ ଓଡ଼ିଶାରେ ଆନ୍ଦୋଳନ ପ୍ରସ୍ତୁତି

ଓଡ଼ିଶା ଡଟ୍ କମ୍ ସମ୍ବାଦଦାତା

ଭୁବନେଶ୍ୱର, ନଭେମ୍ବର ୭(ଓଡ଼ିଶା ଡଟ୍ କମ୍) ଓଡ଼ିଶାରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବ୍ୟାପକ ହେବାରେ ଲାଗିଛି ।

୨୦୦୩ ଡ଼ିସେମ୍ବରରେ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଭାରତୀୟ ବିଜ୍ଞାନ ସଂସ୍ଥାନ ଦେଶର ଚାରୋଟି ସହର ଯଥା ପୁନେ ,ଭୁବନେଶ୍ୱର,ଆହ୍ଲାବାଦ ,ଓ ଚେନ୍ନାଇରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ ।

ଏହାସହ ପଢନ୍ତୁ
ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ପ୍ରସଙ୍ଗ ସଂସଦରେ ଉଠାଇବାକୁ ନେତାଙ୍କ ପ୍ରତିଶ୍ରୁତି
ଚାପ ପରେ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବି ଦୋହରାଇଲେ ସରକାର
ବିଜ୍ଞାନ ସଂସ୍ଥା କଲିକତା ସ୍ଥାନାନ୍ତର ପ୍ରସ୍ତାବକୁ  ମୁଖ୍ୟମନ୍ତ୍ରୀଙ୍କ ବିରୋଧ

ନିକଟରେ ପ୍ରଧାନମନ୍ତ୍ରୀ କରିଥିବା ଘୋଷଣା ଅନୁସାରେ ଏହି ଅନୁଷ୍ଠାନ କୋଲକାତା ଏବଂ ପୁନେରେ ସ୍ଥାପିତ ହେବ ।

''ଏହି ସଂସ୍ଥାକୁ ରାଜ୍ୟକୁ ଆଣିବା ପାଇଁ ଶୋଭାଯାତ୍ରା, ବିକ୍ଷୋଭ, ଅନଶନ କରିବା ସହ ଗଣତାନ୍ତ୍ରିକ ଉପାୟରେ ଆମର ଦାବିକୁ ଉପସ୍ଥାପନ କରିବୁ'' ବୋଲି ସେଚ୍ଛାସେବୀ ସଂଗଠନ 'ଆଗାମୀ ଓଡ଼ିଶା'ର ସଭାପତି କହିଛନ୍ତି ।

'ଆଗାମୀ ଓଡ଼ିଶା' ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ମିଳିତ ଉଦ୍ୟମରେ ରବିବାର ଆୟୋଜିତ ଏକ ଆଲୋଚନା ଚକ୍ରରେ ରାଜନୈତିକ, ଶିକ୍ଷାବିତ୍, ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ୧୫୦ ଜଣ ବୁଦ୍ଧିଜୀବି ଭାଗନେଇ ଏ ସଂକ୍ରାନ୍ତରେ ଏକ ସମୂହ ପ୍ରଚେଷ୍ଟା କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି ।

''ଆବଶ୍ୟକ ପରିମାଣର ଜନ ପ୍ରତିକ୍ରିୟା ଏବଂ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ରାଜ୍ୟ ତାର ନୈତିକ ଅଧିକାରରୁ ବଞ୍ଚିତ ହୋଇଛି'' ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ହଲରେ ଅନୁଷ୍ଠିତ ଏହି ଆଲୋଚନାରେ ଯୋଗ ଦେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି ।

ଦଳଗତ ବିବାଦ ଭୁଲି ଶୀତକାଳୀନ ବିଧାନ ସଭା ଏବଂ ସଂସଦ ଅଧିବେଶନରେ ଏହି ବିଷୟ ଉପସ୍ଥାପନ କରିବା ପାଇଁ ରାଜ୍ୟର ବିଧାୟକ ଏବଂ ସାଂସଦମାନଙ୍କୁ ପ୍ରେରିତ କରାଯିବା ସହ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେବା ପାଇଁ ଉପସ୍ଥିତ ବୁଦ୍ଧିଜୀବିମାନେ ଯୋଜନା କରିଛନ୍ତି ।

ଓଡ଼ିଶାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ(ଆଇଆଇଟି), ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫମ୍ୟାନେଜ୍‌ମେଣ୍ଟ(ଆଇଆଇଏମ୍), କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭଳି କୌଣସି ପ୍ରମୁଖ ଶିକ୍ଷାନୁଷ୍ଠାନ ନାହିଁ ।

ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଘଟିଛି ।

ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଜ୍ଞାନ କ୍ଷେତ୍ରରେ ଉଚ୍ଚତର ଗବେଷଣା କରିବା ପାଇଁ ଥିବା ସୁଯୋଗ ଏହି ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହେଉଛି ଏବଂ ବର୍ତ୍ତମାନ ଓଡ଼ିଶା ଦ୍ରୁତ ଶିଳ୍ପାୟନ ପାଇଁ ପ୍ରସ୍ତୁତ ହେଉଥିବାରୁ ବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ପାଇଁ ଜାତୀୟ ବିଜ୍ଞାନ ସଂସ୍ଥା ଭଳି ଅନୁଷ୍ଠାନ ବିଶେଷ ସହାୟକ ହେବ ବୋଲି ବୁଦ୍ଧିଜୀବିମାନେ ଦର୍ଶାଇଛନ୍ତି ।

ସୂଚନା ଯୋଗ୍ୟ ଯେ, ସଂପୃକ୍ତ ଅନୁଷ୍ଠାନକୁ ଓଡ଼ିଶାରୁ ସ୍ଥାନାନ୍ତର ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି ।

''ରାଜ୍ୟ ପ୍ରତି ଏହା ଅନ୍ୟାୟ'' ଦର୍ଶାଇ ରାଜ୍ୟ ବିଜେପି ସଭାପତି ତଥା ସାଂସଦ ଏହା ବିରୁଦ୍ଧରେ ରାଜ୍ୟବ୍ୟାପି ଆନ୍ଦୋଳନ କରାଯିବ ବୋଲି କହିଛନ୍ତି ।

ରାଜ୍ୟରେ ଏହି ଅନୁଷ୍ଠାନ ପ୍ରତିଷ୍ଠା ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଅନ୍ ଲାଇନ ପିଟିସନରେ ପ୍ରାୟ ଦୁଇ ହଜାରରୁ ଅଧିକ ଓଡ଼ିଆ ଦସ୍ତଖତ କରିଛନ୍ତି ।

ଓଡ଼ିଶା ଡଟ୍ କମ୍


## ସପିଙ୍ଗ୍ ଜୋନ୍

**ପରିଧାନ**

ସଲ୍ୱାର କାମିଜ୍ - ଶାଢ଼ୀ - ସାରଙ୍ଗ - କୁର୍ତ୍ତା - ଚୋଲି - ଟପ୍ସ୍

**ଘରକରଣା ସାମଗ୍ରୀ**

ଇଲୋକଟ୍ରୋନିକ୍ସ - ଘରକରଣା ସାମଗ୍ରୀ - ରୋଷେଇ ସାମଗ୍ରୀ - ସୁନା ଗହଣା - ଚମଡା ସାମଗ୍ରୀ - ଘଣ୍ଟା

**ଅନ୍ୟାନ୍ୟ**

ଜ୍ୟୋତିଷୀ - ବହି ଏବଂ ସିଡ଼ି -ଭାରତ ଦର୍ଶନ - ବନ୍ଧୁ ଉପହାର ସାମଗ୍ରୀ - ଭାରତକୁ ରାକ୍ଷୀ - ଆମେରିକାକୁ ରାକ୍ଷୀ - ଆମେରିକାକୁ ମିଠା - ଅନ୍ୟାନ୍ୟ ପରିଧାନ - ବ୍ୟାଗ - ୱାଲ ହେଙ୍ଗିଙ୍ଗ୍ - ତାଜା ଫୁଲ - ତାଜା ଫଳ -କେକ୍



Contact address: info@odisha.com , odisha@rediffmail.com


Copy right 2004-2009 odisha.com, All rights reserved


Editor in Chief: JATINDRA DASH


ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା